**ବ୍ୟବସାୟୀଙ୍କ ଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ**

# ୨.୯ କେଜି ରୁପା ଜବତ; ୩ ଗିରଫ

**କବିସୂର୍ଯ୍ୟନଗର,୨୦।୧(ସମିସ):** ଗତ ୧୨ ତାରିଖରେ କବିସୂର୍ଯ୍ୟନଗର ଥାନା ମୋହନାପଲ୍ଲୀ ଛକ ନିକଟରେ ପୁରୁଷୋତ୍ତମପୁରର ରୁପା ବ୍ୟବସାୟୀ ବେଲା ସେନାପତିଙ୍କ ଠାରୁ ମାଉଜର ଦେଖାଇ ଦୁର୍ବୃତ୍ତ ମାନେ ରୁପା ସାମଗ୍ରୀ ଲୁଟି ନେଇଥିଲେ। ଏହି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ମାମଲାରେ ପୁଲିସ ୨.୯ କେଜି ରୁପା ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ବେଲଗୁଣ୍ଠା ବ୍ଲକ ପଥରାପଲ୍ଲୀ ଗ୍ରାମର



ଜିତୁ ନାହାକ, ପୁରୁଷୋତ୍ତମପୁର ଜଗନ୍ନାଥ ସାହିର ବାବୁ ମହାରଣା ଓ କବିସୂର୍ଯ୍ୟନଗର ଅରବିନ୍ଦନଗର ରୋଡର ରବୀନ୍ଦ୍ର ଦଳାଇ। ମଙ୍ଗଳବାର ସନ୍ଧ୍ୟାରେ ଏସଡିପିଓ ସୁଜିତ ନାୟକ, ଆଇଆଇସି ନିରଞ୍ଜନ ଦାସଙ୍କ ଦ୍ୱାରା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଘଟଣାର ଖୁଲାସା କରିଛନ୍ତି। ଘଟଣା ସମ୍ପର୍କରେ କବିସୂର୍ଯ୍ୟନଗର ଥାନା କେଶନଂ ୧୭/୨୦୨୬ ପ୍ରକାରେ ମାମଲା ରୁଜୁ ହୋଇଥିଲା। ଗଞ୍ଜାମ ଏସପିଙ୍କ ନିର୍ଦ୍ଦେଶ ଅନୁସାରେ କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଜିତୁ ନାହାକ ଠାରୁ ୨ କେଜି ୯୦୦ ଗ୍ରାମ ରୁପା ଅଳଙ୍କାର ଜବତ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସଡିପିଓ କହିଛନ୍ତି। ତେବେ ତଦନ୍ତରେ ସମସ୍ୟା ହେବ ବୋଲି ଦୁଇଜଣଙ୍କ ନାମ ପ୍ରକାଶ କରାଯାଇଛି। ଅପରପକ୍ଷେ ଏଭଳି ବହୁ ପରିମାଣର ରୁପା ସାମଗ୍ରୀ ଧରି ବୁଲି ବିକିବାକୁ ବ୍ୟବସାୟୀଙ୍କୁ ବାରଣ କରିଛି ପୁଲିସ।

● ବ୍ୟବସାୟକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ

## ବାପ, ମା' ଆହତ; ପୁଅ ଗୁରୁତର

**ଦିଗପହଣ୍ଡି,୨୦।୧(ସମିସ):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ପଥର,ବାଲି ଓ ମୋରମ ବ୍ୟବସାୟକୁ କେନ୍ଦ୍ରକରି ନରସିଂହପୁର ଗ୍ରାମର ଯୁବ ବ୍ୟବସାୟୀ ଉଗ୍ରସେନ ସେଠୀଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ ହୋଇଛି। ପୁଅକୁ ଉଦ୍ଧାର କରିବାକୁ ଯାଇ ବାପା ଡମ୍ବରୁ, ମା' କସ୍ତୁରୀ ଆହତ ହୋଇଛନ୍ତି। ଟ୍ରାକ୍ଟର ଜରିଆରେ ବାଲି, ଗୋଡ଼ି ଓ ପଥର ବ୍ୟବସାୟ କରୁଥିବା ଉଗ୍ରସେନଙ୍କ ସହ ନିକଟସ୍ଥ ଅନଙ୍ଗପୁର ଓ ଓଡ଼ାସିଙ୍ଗି ଗ୍ରାମର କେତେକ ବ୍ୟବସାୟୀଙ୍କ ପୂର୍ବ ଶତ୍ରୁତା ଥିଲା। ବିଳମ୍ବିତ ସନ୍ଧ୍ୟାରେ ସେମାନେ ଗାଁରେ ପହଞ୍ଚି ଉଗ୍ରସେନଙ୍କୁ ଘରୁ ଡାକି ନେଇ ଯୁକ୍ତିତର୍କ କରିଥିଲେ। ଉଗ୍ରସେନ ଉତ୍ତେଜିତ ହୋଇ ସେମାନଙ୍କୁ ଏକ କାତିରେ ଆକ୍ରମଣ ଉଦ୍ୟମ କରିବାରୁ ସେମାନେ ସଂଘବଦ୍ଧ ହୋଇ ତାଙ୍କ ହାତରୁ କାତି ଛଡାଇ ନିସ୍ତୁକ ମାଡ଼ ମାରିଥିଲେ। ବାପା ଡମ୍ବରୁ ଏବଂ ମା' କସ୍ତୁରୀ ପୁଅକୁ ଉଦ୍ଧାର କରିବା ବେଳେ ଉଭୟଙ୍କୁ ମଧ୍ୟ ସେମାନେ ଆକ୍ରମଣ କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଆହାତଙ୍କୁ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଗ୍ରସେନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଥାନାରେ କୌଣସି ଏତଲା ହୋଇନଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

## ଘରେ ପଶି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

**ଜଗନ୍ନାଥପ୍ରସାଦ,୨୦।୧(ସମିସ):** ଜଗନ୍ନାଥପ୍ରସାଦ ଥାନା ବିଡ଼ିପୁର ରାଧାକୃଷ୍ଣ ମନ୍ଦିର ପାଖ ଆଡୁଆ ସାହି ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ମାନେ ୪୨ ଗ୍ରାମ ସୁନା ଅଳଙ୍କାର ଓ ୧୬ ହଜାର ଟଙ୍କା ଚୋରି କରି ନେଇଛନ୍ତି। ୭ଟି ସୁନା ଚେନ, କାନ ଫୁଲ ଚାରି ହଳ, ୪ ସୁନା ଚୁଡ଼ି, ୪ ସୁନା ମୁଦି ରୁପା ପାଉଁଜି ସମେତ ଅନ୍ୟାନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଯାହାର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ ଅଧିକ ହେ। କୌଣସି ନିଶା ଦ୍ରବ୍ୟ ସ୍ପ୍ରେ କରି ଏପରି ଲୁଟ୍ କରିଥିବା ସନ୍ଦେହ କରାଯାଇଛି।

● ଆନ୍ତଃରାଜ୍ୟ ବାଇକ୍ ଚୋରି ରାକେଟ ଠାବ

## ୨୨ ବାଇକ୍ ଜବତ; ୪ ଗିରଫ

**ଆସିକା,୨୦।୧(ସମିସ):** ଆସିକା ପୁଲିସ ଉପଖଣ୍ଡ ଅନ୍ତର୍ଗତ କୋଟିନଡ଼ା ଥାନା ପୁଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ଧରିବାରେ ସଫଳ ହୋଇଛି। ପୁଲିସ ସେମାନଙ୍କ ନିକଟରୁ ୨୨ଟି ଚୋରି ବାଇକ୍ ଜବତ କରିଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି। କୋଟିନଡ଼ା ଥାନା ଅଧିକାରୀ ଦାମୋଦର ବିହାରୀଙ୍କ



ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରି ବିଭିନ୍ନ ଇଲାକାରୁ ୨୨ଗୋଟି ଦାମୀ ବାଇକ୍ ଓ ସ୍କୁଟି ଜବତ କରାଯାଇଛି। ଏହି ଆନ୍ତଃରାଜ୍ୟ ବାଇକ ଚୋର ମାନେ ଆନ୍ଧ୍ରପ୍ରଦେଶ, ମୟୁରଭଞ୍ଜ, ବାଣପୁର, ବେଗୁନିଆ, ଖୋର୍ଦ୍ଧା, ବେଲଗୁଣ୍ଠା, ବ୍ରହ୍ମପୁର, ପୋଲସରା, ଭଞ୍ଜନଗର, ମୋହନା, ରମ୍ଭା, ଖଲିକୋଟ ଅଞ୍ଚଳରୁ ଚୋରି କରିଛନ୍ତି। ପୁଲିସ ପାଟ୍ରୋଲିଂ ସମୟରେ ୪ ଜଣଙ୍କ ବାଇକ୍ ଦେଖି ସନ୍ଦେହ ଉପୁଜିଥିଲା। ତଦନ୍ତ ବେଳେ ଏଭଳି ବଡ଼ ଧରଣର ଚୋରି ରାକେଟ ସମ୍ପର୍କରେ ଜଣାପଡ଼ିଥିଲା। ଏନେଇ କୋଟିନଡ଼ା ଥାନାରେ ମାମଲା ରୁଜୁ କରାଯାଇ ତୁଙ୍କୁଣୀ ଗ୍ରାମର ଏ ସିନ୍ଧୁ, ଦାସ ଅଜୟ, ଏ. ରାମ, ଏବଂ ନାରାୟଣପୁରର ନରସିମା ଦାସ ସମେତ ଚାରି ଜଣଙ୍କୁ ଗିରଫ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଦାମୋଦର ବିହାରୀ, ଏସ୍‌ଆଇ ସତ୍ୟବ୍ରତ ସାହୁ, ଦିଲ୍ଲୀପ କୁମାର ଶତପଥି ସମେତ ପୁରା ପୁଲିସ ଟିମ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣା; ୩ ଗିରଫ

**ରଙ୍ଗେଇଲୁଣ୍ଡା,୨୦।୧(ସମିସ):** ଗୋଳନ୍ଥରା ଥାନା ଇଲକାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାଘଲଟି ଗ୍ରାମର ଜିତୁ ଗୌଡ଼(୩୦), ଲିଲୁ ଗୌଡ଼ (୨୭) ଓ ଶ୍ରୀକାନ୍ତ ଗୌଡ଼ (୨୬)। ଏମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଏକ କଟୁରି ପୁଲିସ ଜବତ କରିଛି। ଘଟଣା ପରଠାରୁ ଅଭିଯୁକ୍ତ ମାନେ ଫେରାର ଥିଲେ। ମଙ୍ଗଳବାର ସକାଳେ ହଳଦିଆପଦରଠାରେ ଶ୍ରୀକାନ୍ତ, ଜିତୁ ଓ ଲିଲୁ ଥିବା ଖବର ପାଇ ପୁଲିସ ଉଠାଇ ନେଇଥିଲା। ଥାନାକୁ ନେଇ ପଚାରାଉଚୁରା ପରେ ସନ୍ଧ୍ୟାରେ ତିନିଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ବାଘଲଟି ଗ୍ରାମରେ ଭାବଗ୍ରାହୀ ଗୌଡ଼ ଓ ଲିକୁ ଗୋଷ୍ଠୀ ମଧ୍ୟରେ ଗ୍ରାମର ମନ୍ଦିର ପରିଚାଳନା ନେଇ ବିବାଦ ଲାଗି ରହିଥିଲା। ଏନେଇ ଗତବର୍ଷ ମାର୍ଚ୍ଚରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡୋଗଳ ହୋଇଥିଲା। ଗତ ୧୮ ତାରିଖ ଦିନ ଭାବଗ୍ରାହୀ ପାଇପ କାମ ପାଇଁ ତୁଲୁ ରାସ୍ତାରେ ଯାଉଥିବା ବେଳେ ଅପରଗୋଷ୍ଠୀର ୪ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ମୁରଲୀଙ୍କ ଜନ୍ମଦିନରେ ମେଗା ରକ୍ତଦାନ ଶିବିର



**୩୯୯ ୟୁନିଟ୍ ସଂଗୃହୀତ**

**ବ୍ରହ୍ମପୁର,୨୦।୧(ସମିସ):** ଅର୍ବାନ୍ ବ୍ୟାଙ୍କ ସଭାପତି, ପୂର୍ବତନ କର୍ପୋରେଟର ତଥା ସମାଜସେବୀ ଆର୍. ମୁରଲୀ ମୋହନଙ୍କ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ବଣିକ ସଂଘ, ଫ୍ରେଣ୍ଡସ୍ ଫର୍ ଏଭର୍ ଗ୍ରୁପ ଓ ଶଙ୍କର ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ମୂରଲୀଙ୍କ ମା' ଆର ସାବିତ୍ରୀ, ସମାଜସେବୀ ଅରକ୍ଷିତ ଜେନା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବରିଷ୍ଠ ନେତା ସୁବାସ ମହାରଣା ଯୋଗଦେଇ ରକ୍ତଦାନ ଶିବରର ଶୁଭାରମ୍ଭ କରିଥିଲେ।

ମହାନଗର ନିଗମର କର୍ପୋରେଟର ତିରୁପତି ପାତ୍ର, ପ୍ରଦୀପ ଶତପଥୀ, ଡି. କରୁନ କର, ଏନ୍ ଆପାରାଓ, ଟି. କିଶୋର, ରଞ୍ଜିତା ବେହେରା, ଜ. ଶ୍ରିନୁ, ବନିତା ସାହୁ, ଗୀତାରାଣୀ ପଣ୍ଡା, ସୋନାଲି ଗନ୍ତାୟତ, ସନ୍ତୋଷ ସେଠୀ, ଆରତୀ ତନ୍ତୀ, ପ୍ରଶାନ୍ତ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା, ସବିତା ସାହୁ, ନୀଳକଣ୍ଠ ସାହୁ, ରଶ୍ମିତା ପ୍ରଧାନ, ପାର୍ବତୀ ପ୍ରଧାନ, ଦଣ୍ଡପାଣି ନାୟକ, ମମତା ପାତ୍ର, ନରସିଂହ ସେଠୀ, ସମୀର ମିଶ୍ର, ଯୋଗ ଦେବା ସହ ଅର୍ବାନ ବ୍ୟାଙ୍କର ସମସ୍ତ ସଦସ୍ୟ ଓ କର୍ମଚାରୀ ଯୋଗଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶିବିରରେ ମୋଟ ୩୯୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

କାର୍ଯ୍ୟକ୍ରମରେ ରାଧାକୃଷ୍ଣ ବଣିକ ସଂଘର କର୍ମକର୍ତ୍ତା ମନୋଜ କୁମାର ସାହୁ, ତିରୁପତି ସୁବୁଦ୍ଧି, ସତ୍ୟନାରାୟଣ ପାତ୍ର, ଶ୍ରୀକାନ୍ତ ପାଣିଗ୍ରାହୀ, ସୁବାସ ପାତ୍ର, ପଞ୍ଚାନନ ରାଉତ, ସନ୍ତୋଷ କୁମାର, ଅହମ୍ମଦ, ରମେଶ ନାୟକ, ମନୋରଞ୍ଜନ ପଟ୍ଟନାୟକ, ସୀମାଞ୍ଚଳ ପଣ୍ଡା, ସରୋଜ ଦାସ, ସୁଶୀଳ ସେନାପତି, କାଳୀଚରଣ ତ୍ରିପାଠୀ, ବାବୁ ପଟ୍ଟନାୟକ, ବାବୁଜୀ ସାହୁ, ରାଜୁ,ବଦ୍ରି ପଣ୍ଡା ସହଯୋଗ କରିଥିଲେ। ମୁରଲୀଙ୍କ ମା ଆର୍, ସାବିତ୍ରୀ, ପତ୍ନୀ ଆର୍. ପାୱନୀ, ଭାଇ ଆର୍ ରବି ପ୍ରସାଦ, ଆର୍, କିରଣ, ଆର୍. ଲଳିତା, ଆର୍. ପଦ୍ମା, ଆର୍, ବିମଳା, ଆର୍. ଚିନ୍ମୟୀ, ବଂଶୀ, ପ୍ରଣବୀ, ହନି, ମୋହିତ, ଲକି, ନିଖିଲ, ମିନାକ୍ଷୀ, ମାନ୍ୟଶ୍ରୀ, ଅନାୟରା ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ଜରା ଆଶ୍ରମରେ କେକ୍ କାଟିବା ସହ ଫଳ ବଣ୍ଟନ ପରେ ଏମକେସିଜି ମେଡ଼ିକାଲରେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା।

## ନୂତନ ପଞ୍ଚାୟତ ଗୃହ ଶୁଭାରମ୍ଭ; ୫ ସମ୍ବର୍ଦ୍ଧିତ



**ରମ୍ଭା,୨୦।୧(ସମିସ):** ମଙ୍ଗଳବାର ଦିନ ଗଞ୍ଜାମ ବ୍ଲକ ପାଲୁରଗଡ଼ ସ୍ଥିତ ରାମଗଡ଼ ପଞ୍ଚାୟତର ନୂତନ ଗ୍ରାମ ସଂସଦ ଗୃହ ଶୁଭାରମ୍ଭ ହୋଇଯାଇଛି। ରାମଗଡ଼ ସରପଞ୍ଚ ସନ୍ତୋଷିନୀ ବେହେରାଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଖଣି, ଶିଳ୍ପ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କୋଠାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ବ୍ଲକ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ମୁଖ୍ୟବକ୍ତା ରୂପେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ନାଏବ ସରପଞ୍ଚ ଲିଲି ପଲେଇ, ସମିତି ସଭ୍ୟା ଗୀତାଞ୍ଜଳି ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ। ରଶ୍ମିତା ଦଳେଇ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ନାୟକ ଓ ସରପଞ୍ଚ ପ୍ରତିନିଧି ବିକ୍ରମ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତର ସମସ୍ତ ଗ୍ରାମବାସୀ, ୱାର୍ଡ ସଭ୍ୟ ସଭ୍ୟା, ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ, ପଞ୍ଚାୟତ କର୍ମଚାରୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଆଶାଦିଦି, ଗଞ୍ଜାମ ବ୍ଲକ ପ୍ରଶାସନିକ କର୍ମଚାରୀ, ଶିକ୍ଷାବିତ, ବୁଦ୍ଧିଜୀବୀ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଶିକ୍ଷକ ବ୍ରଜବନ୍ଧୁ ବେହେରା ଓ ପ୍ରକାଶ ଚନ୍ଦ୍ର ପଲେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ୩ ଗୁରୁତର

**ପୁରୁଷୋତ୍ତମପୁର,୨୦।୧(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରାହ୍ମଣ ଶାସନ ଗ୍ରାମ ନିକଟରେ ଏକ ଅଜଣା ପିକ୍‌ଅପ ଗାଡି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଫଳରେ ବାଇକରେ ଥିବା ୩ଜଣ ଆହତ ହୋଇଛନ୍ତି। ଆହତକ ମାନେ ହେଲେ ସମା ଗ୍ରାମର ତ୍ରିନାଥ ମହାରଣା(୫୬), ପୁଅ ଶ୍ରୀକାନ୍ତ ମହାରଣା (୩୦) ଓ ସ୍ତ୍ରୀ ସୋଲି ମହାରଣା(୫୦)। ତ୍ରିନାଥଙ୍କ ଗଳା ଫୁଲି ଯାଇଥିବାରୁ ଶ୍ରୀକାନ୍ତ ବ୍ରହ୍ମପୁର ବଡ ମେଡିକାଲ ନେଉଥିଲେ। ଏତିକିବେଳେ ପଛପଟୁ ଏକ ଅଜଣା ପିକ୍ ଅପ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଆହାତ ମାନଙ୍କୁ ଭାଟକୁମରଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା।

## ୮ ଜୁଆଡି ଗିରଫ; ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

**ଛତ୍ରପୁର,୨୦।୧(ସମିସ):** ଛତ୍ରପୁର ଥାନା ପୁଲିସ ଚିକଲଖଣ୍ଡିଠାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୮ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨ ଲକ୍ଷ ୧ ହଜାର ୨୬୦ଟଙ୍କା ଜବତ କରିଛି। ସେହିପରି ୬ ବାଇକ୍ ଏବଂ ୧୦ ମୋବାଇଲ ଜବତ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ରାତିରେ ଛତ୍ରପୁର ଥାନା ଅଧିନ ଚିକଲଖଣ୍ଡି ଗ୍ରାମ ନିକଟରେ ଏକ ପଥର କ୍ୱାରୀ ନିକଟ ଆମ୍ବତୋଟାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରିଥିଲା। ପ୍ରୋଭିଜନାଲ ଆଇପିଏସ ନୀତେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଅଚାନକ ଚଢ଼ଉ କରିବା ସହ ଜୁଆଡ଼ିଙ୍କୁ ଗିରଫ କରିଛି। ଥାନା ଅଧିକାରୀ ସବ୍ୟସାଚି ମଲ୍ଲଙ୍କ ସମେତ ପୁଲିସ କର୍ମଚାରୀ ଚଢ଼ଉରେ ସାମିଲ ଥିଲେ।



## ଚାଷ ଜମିରୁ ବୋମା ଜବତ; କୁମରଡ଼ାରେ ଆତଙ୍କ

**ଦିଗପହଣ୍ଡି,୨୦।୧(ସମିସ):** ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ କୁମରଡ଼ା ଗ୍ରାମ ବଡ଼ବନ୍ଧ ପୋଖରୀ ନିକଟ ରଘୁନାଥ ପ୍ରଧାନଙ୍କ ଘର ବାରିପଟ ଚାଷଜମିରୁ ମଙ୍ଗଳବାର ସକାଳେ ଦୁଇଟି ହାତ ବୋମା କେ.ନୂଆଗାଁ ପୁଲିସ ଜବତ କରି ତଦନ୍ତ ଚଳାଇଛି। ସୋମବାର ରାତି ପ୍ରାୟ ୯ଟାରେ ପୋଖରୀକୁ ଶୌଚ ପାଇଁ ଯାଇଥିବା ଗ୍ରାମର କିଛି ବ୍ୟକ୍ତି ବୋମା ଦୁଇଟି ଦେଖି ଥାନାକୁ ଖବର ଦେଇଥିଲେ। ଆଇଆଇସି କିଶୋର କୁମାର ସାମଲ ପହଞ୍ଚି ବୋମା ଦୁଇଟିକୁ ଜବତ କରି ତାକୁ ଏକ ପ୍ଲାଷ୍ଟିକ ବାଲ୍ଟିରେ ରଖିବା ସହ ସେଠାରେ ପୁଲିସ କର୍ମଚାରୀଙ୍କୁ ମୁତୟନ କରି ଫେରିଥିଲେ। ବ୍ରହ୍ମପୁର ପୁଲିସ ମୁଖ୍ୟାଳୟର ବୋମା ନିଷ୍କ୍ରିୟ ସ୍କ୍ୱାର୍ଡ ମଙ୍ଗଳବାର ସକାଳେ ପହଞ୍ଚି ବୋମା ଦୁଇଟିକୁ ନିଷ୍କ୍ରିୟ କରିଛି। ଏହି ଖବର ପ୍ରଚାର ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।



କିଛିଦିନ ହେଲା କେତେକ ପେସାଦାର ଅପରାଧୀ ସଂଘବଦ୍ଧ ଭାବେ ଗାଁ ନିକଟ ପାହାଡ଼ରେ ବଡ଼ ଧରଣର ଜୁଆ ଆ‡। ଚଳାଇଛନ୍ତି। ଏହି ଜୁଆଆ‡।କୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ବୋମାମାଡ଼ ପାଇଁ ଏହି ବୋମା ରଖାଯାଇଥିବା ଅଞ୍ଚଳରେ ଚର୍ଚ୍ଚା ଚାଲିଛି। କିମ୍ବା ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ପ୍ରତିପକ୍ଷ ଗୋଷ୍ଠୀର ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ କରିବାକୁ ଏହା ରଖାଯାଇଥିବା ମଧ୍ୟ ଆଲୋଚନା ହେଉଛି। ଅପରପକ୍ଷରେ ସମ୍ପୃକ୍ତ ଇଲାକାରେ କିଛିଦିନ ହେଲା ବାର୍‌ହା ପଲ ଉପଦ୍ରବ କରି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବାର୍‌ହା ଶିକାର ପାଇଁ କେହି ବୋମା ରଖିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଆଇଆଇସିଙ୍କ ଏତଲା କ୍ରମେ ମାମଲା ରୁଜୁ କରାଯାଇଛି। ଫସଲ ଲାଗିଥିବା ଜମିରେ ବାର୍‌ହା ଶିକାର ପାଇଁ ଗୁଡ଼ବୋଳା ବୋମା ରଖାନଯାଇ ଖୋଲା ପଡିଆରେ କାହିଁକି ରଖାଗଲା ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି। ଗତ ପ୍ରାୟ ୩ ମାସ ପୂର୍ବେ ଗାଁ ନିକଟସ୍ଥ ବୈଷ୍ଣବଦଳି ପାହାଡ଼ରେ ପ୍ରତିଷ୍ଠା କରାଯାଇଥିବା ଶ୍ରୀ ସାଇ ମନ୍ଦିର ପାଶ୍ୱର୍ରେ ବହୁ ସଂଖ୍ୟକ ବୋମା ଏକ ଝୋଟ ଅଖାରେ ରଖାଯାଇଥିବା ମନ୍ଦିର ପୂଜକ ଦେଖିଥିଲେ। ପରେ ଅତି ସନ୍ତର୍ପଣରେ ସେ କିଛି ବ୍ୟକ୍ତିଙ୍କ ସହାୟତାରେ ବୋମା ଭର୍ତ୍ତି ଅଖାକୁ ନିକଟସ୍ଥ କେନାଲକୁ ଫୋପାଡି ଦେଇଥିଲେ। ଘଟଣାର ପରଦିନ କେନାଲରୁ ଉକ୍ତ ବୋମା ଭର୍ତ୍ତି ଅଖା କେଉଁଆଡେ ଗାଏବ ହୋଇଯାଇଥିବା ଜଣାପଡ଼ିଥିଲା। ଏସବୁ ବୋମା କାରବାରରେ କେଉଁମାନେ ସମ୍ପୃକ୍ତ ଏବଂ ସେମାନଙ୍କ ଉଦ୍ଦେଶ୍ୟ କଣ ହୋଇପାରେ ସେନେଇ ପୁଲିସ ପକ୍ଷରୁ ଖୋଳତାଡ଼ ଆବଶ୍ୟକତା ରହିଥିବା ଗ୍ରାମବାସୀ ଜଣାଇଛନ୍ତି।

**ଅଧାଅଧୁରା ସରକାରଙ୍କ 'ନିଦାନ' ଯୋଜନା**

# ହେଉନି ୨୨ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା, ଘରୋଇ ସେଣ୍ଟରକୁ ଭରସା

**ବ୍ରହ୍ମପୁର,୨୦।୧(ସମିସ):** ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ 'ନିଦାନ' ଅଧୀନରେ ରୋଗ ନିର୍ଣ୍ଣୟ ସେବାକୁ ବୃଦ୍ଧି କରିବା ପାଇଁ ସମସ୍ତ ମେଡ଼ିକାଲରେ ଏହି ଯୋଜନା ଲାଗୁ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହା ଅଧା ଅଧୁରା ହୋଇଥିବା ଅଭିଯୋଗ ହୋଇଛି। କିଛିଦିନ ପୂର୍ବେ ରାଜ୍ୟର ସମସ୍ତ ହୋମିଓପାଥିକ ଓ ଆୟୁର୍ବେଦିକ ମେଡ଼ିକାଲ କଲେଜରେ 'ନିଦାନ' ଯୋଜାନା ଲାଗୁ କରାଯାଇଥିଲା। ରାଜ୍ୟ ସରକାର ଓ ଏକ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟର ମଧ୍ୟରେ ପିପିପି ମୋଡ୍‌ରେ ଏହି ସେବା ଆରମ୍ଭ ହୋଇଥିଲା। ସେହିକ୍ରମେ ବ୍ରହ୍ମପୁର ସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏବଂ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ମଧ୍ୟ 'ନିଦାନ' ଯୋଜନା ଲାଗୁ କରାଯାଇଥିଲା। କିନ୍ତୁ ଏହି




ସେବାରେ ବ୍ୟତିକ୍ରମ ଦେଖା ଦେଇଛି।

ହୋମିଓପାଥିକ ଓ ଆୟୁର୍ବେଦିକ ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ରୋଗ ଚିହ୍ନଟ ପାଇଁ ଡ଼ାକ୍ତର ବିଭିନ୍ନ ପରୀକ୍ଷା କରିବାକୁ ପରାମର୍ଶ ଦେଉଥିବାବେଳେ ସେଥିରୁ ଅଧା ପରୀକ୍ଷା ପାଇଁ ରୋଗୀ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟର ଉପରେ ଭରସା କରୁଛନ୍ତି। ଅନ୍ୟ ମେଡ଼ିକାଲ ଗୁଡ଼ିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ପିପିପି ମୋଡ୍‌ରେ ଥିବା ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟରକୁ ପ୍ରାୟ ୨୯ଟି ପରୀକ୍ଷା କରିବାକୁ ଅନୁମତି ଦେଇଥିବାବେଳେ ହୋମିଓପାଥିକ ଓ ଆୟୁର୍ବେଦିକ ମେଡ଼ିକାଲ ରୋଗୀଙ୍କ ନିମନ୍ତେ ମାତ୍ର ୧୭ଟି ପରୀକ୍ଷା କରାଯାଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ୨୨ଟି ପରୀକ୍ଷା କରାଯାଉନି। ସେଥିମଧ୍ୟରେ ସିବିସି, ଇଏସଆର, ଏଫବିଏସ, ପିପିବିଏସ ଓ ଟାଇଫଏଡ଼ ଭଳି ବିଭିନ୍ନ ପରୀକ୍ଷା କରାଯାଉନାହିଁ। ଫଳରେ ରୋଗୀମାନେ ହଜାର ହଜାର ଟଙ୍କା ଦେଇ ସହରର ବିଭିନ୍ନ ଘରୋଇ ଡ଼ାଏଗ୍ନୋଷ୍ଟିକ ସେଣ୍ଟରେ ପରୀକ୍ଷା କରୁଛନ୍ତି। ଯେଉଁ ପରୀକ୍ଷା ପିପିପି ମୋଡ୍‌ରେ ମାତ୍ର ୧୦୦ଟଙ୍କା ମଧ୍ୟରେ ହୋଇପାରିଥାନ୍ତା। ଉକ୍ତ ପରୀକ୍ଷାକୁ ରୋଗୀମାନେ ହଜାର ହଜାର ଟଙ୍କା ଦେଉଛନ୍ତି।

ଅନ୍ୟପକ୍ଷରେ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧାରେ ନିଶ୍ଚିତ ରୋଗ ନିର୍ଣ୍ଣୟ ସେବା ସୁନିଶ୍ଚିତ କରିବା ଏବଂ ଉଚ୍ଚମାନର ପାଥୋଲୋଜି ପରୀକ୍ଷା, ଟେଲି ରେଡିଓଲୋଜି (ଏକ୍ସ-ରେ), ଏମଆରଆଇ ଏବଂ ସିଟି-ସ୍କାନ ସେବା ସୁନିଶ୍ଚିତ କରିବା ପାଇଁ ଘରୋଇ ସେବା ପ୍ରଦାନକାରୀଙ୍କ ସହ ସହଯୋଗ ସ୍ଥାପନ କରିବା 'ନିଦାନ' ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧାରେ ରୋଗ ନିର୍ଣ୍ଣୟ ପାଇଁ ପକେଟ ଖର୍ଚ୍ଚ ହ୍ରାସ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ ଡିସେମ୍ବର ୨୦୧୭ ମସିହାରେ 'ନିଦାନ- ମାଗଣା ରୋଗ ନିର୍ଣ୍ଣୟ ସେବା' ଘୋଷଣା କରିଥିଲେ। ଜାନୁଆରୀ ୧ ତାରିଖ ୨୦୧୮ ମସିହା ଠାରୁ ଏହି ସେବା ରାଜ୍ୟର ବିଭିନ୍ନ ମେଡ଼ିକାଲରେ ଆରମ୍ଭ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଏହି ଯୋଜାନା ସେବା ଭିନ୍ନ ଭିନ୍ନ ମିଳୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖିôବାକୁ ମିଳିଥିବା ବେଳେ ହୋମିଓପାଥିକ ଓ ଆୟୁର୍ବେଦିକ ମେଡ଼ିକାଲ କଲେଜରେ 'ନିଦାନ' ଯୋଜାନା ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳରାମ ମଲ୍ଲିକ

ଆବିର୍ଭାବ - ୨୫.୧୦.୧୯୩୮
ତିରୋଧାନ - ୧୧.୦୧.୨୦୨୬

ବାପା, ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ତ୍ୟାଗ ଓ ଭଲପାଇବା ଆମେ ଭୁଲି ପାରୁନାହୁଁ, ତୁମ କଥା ସର୍ବଦା ମନେପଡୁଛି । ଜଗନ୍ନାଥଙ୍କ କୃପାରୁ ଯେଉଁଠି ଥାଅ ଭଲରେ ଥାଅ ବୋଲି ଠାକୁରଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାର, ପୁଅ - ଶ୍ରୀଧର, ବିଦ୍ୟାଧର, ସମୀର, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଆତ୍ମୀୟସ୍ୱଜନ

## ଏମ୍‌କେସିଜିରେ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର

ବ୍ରହ୍ମପୁର,୨୦।୧(ସମିସ): ଏମକେସିଜି ମେଡ଼ିକାଲ ନ୍ୟୁରୋସର୍ଜରୀ ବିଭାଗ ପକ୍ଷରୁ ଜଣେ ୨୪ବର୍ଷିୟ ଯୁବକଙ୍କ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଛି। ବିଭାଗୀୟ ମୁଖ୍ୟ ଡ଼ା. ରବି ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର କରାଯାଇଛି। ସୂଚନାଯୋଗ୍ୟ ଯେ, ପୋଲସରା ବ୍ଲକ ସପ୍ତେଶ୍ୱର ସାହିର ଗୋପିନାଥ ପ୍ରଧାନଙ୍କ ପୁତ୍ର ସିଦ୍ଧାନ୍ତ(୨୪) ୩ ବର୍ଷ ବୟସରେ ଖେଳୁଥିବା ସମୟରେ ଛାତରୁ ପଡ଼ି ମୁଣ୍ଡରେ ଆଘାତ ଲାଗଥିଲା। ସେତେବେଳେ ଚିକିତ୍ସିତ ହୋଇ ସିଦ୍ଧାନ୍ତ କିଛି ଦିନ ମଧ୍ୟରେ ସୁସ୍ଥ ହୋଇଥିଲେ। କିନ୍ତୁ ଗତ ନଭେମ୍ବରରେ ମୁଣ୍ଡ ବୁଲାଇବା, ବାନ୍ତି କରିବା ଓ ଆଖିକୁ ଠିକ୍‌ରେ ଦେଖା ଗଲାନାହିଁ। ଡ଼ିସେମ୍ବର ୩୧ରେ ସିଦ୍ଧାନ୍ତ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ନ୍ୟୁରୋସର୍ଜରୀ ବିଭାଗର ଡ଼ାକ୍ତର ଚିକିତ୍ସା ସମେତ ବିଭିନ୍ନ ପରୀକ୍ଷା କରି ମସ୍ତିଷ୍କରେ ଏକ ମାଂସପିଣ୍ଡୁଳା ବଢ଼ିଥିବା ଜାଣିବାକୁ ପାଇଥିଲେ। ଗତ ୧୫ତାରିଖରେ ଅସ୍ତ୍ରୋପଚାର କରି ଉକ୍ତ ମାଂସପିଣ୍ଡୁଳା ବାହାର କରିଥିଲେ। ଏହି ଜଟିଳ ଅସ୍ତ୍ରୋପଚାର ଦୁଇଟି ପର୍ଯ୍ୟାୟ କରାଯାଇଥିବା ବିଭାଗୀୟ ମୁଖ୍ୟ ଡ଼ା. ରବି ନାରାୟଣ ପଣ୍ଡା କହିଛନ୍ତି।



## ପୁଣି ଜନନୀ ଯନ୍ତ୍ରଣା
# କଚ୍ଚା ରାସ୍ତାରେ ଚାଲି ଚାଲି ଡାକ୍ତରଖାନା ଗଲେ ଗର୍ଭବତୀ

ପାତ୍ରପୁର,୨୦।୧(ସମିସ)

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରାତାଲ ପଞ୍ଚାୟତ ବଡ଼ ଅଂଶୁପା ଗ୍ରାମରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ରାସ୍ତା ନଥିବାରୁ ଜଣେ ଗର୍ଭବତୀ ପ୍ରାୟ ପାଞ୍ଚ କିଲୋମିଟର ଦୋଳାରେ ବୁହାହୋଇ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ହୋଇଥିବା ବେଳେ ସୋମବାର ପୁଣି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଶରତ ବେହେରାଙ୍କ ପତ୍ନୀ ସୁନିତା ବେହେରାଙ୍କ ପ୍ରସବ ଯନ୍ତ୍ରଣା ହେବା ପରେ ପ୍ରାୟ ପାଞ୍ଚ କିଲୋମିଟର ଜଙ୍ଗଲ ରାସ୍ତାରେ ଚାଲି ଚାଲି ପାହାଡ଼ ତଳ ପୂର୍ତ୍ତ ବିଭାଗ ରାସ୍ତାରେ ପହଞ୍ଚି ସେଠାରୁ ଏକ ଅଟୋ ଓ ଆମ୍ବୁଲାନ୍ସ ଯୋଗେ ପାତ୍ରପୁର



ଡାକ୍ତରଖାନାକୁ ପରିବାର ଲୋକେ ନେଇଥିଲେ। ସେଠାରେ ସୁନିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ସୂଚନା ପ୍ରକାରେ ସୋମବାର ସକାଳୁ ସୁନିତାଙ୍କ ପ୍ରସବ ଯନ୍ତ୍ରଣା ହେବା ପରେ ପରିବାର ଲୋକଙ୍କ ସହାୟତାରେ ପ୍ରାୟ ପାଞ୍ଚ କିଲୋମିଟର ଦୁର୍ଗମ ପଥରେ ଚାଲି ଚାଲି ଗଜପତି ଜିଲ୍ଲାର ମାଡା ନିକଟ ପୂର୍ତ୍ତ ରାସ୍ତାରେ ପହଂଚିବା ପରେ ସେଠାରୁ ଏକ ଅଟୋ ଯୋଗେ ଜରଡ଼ା ଡାକ୍ତରଖାନା ଓ ପରେ ସେଠାରୁ ପୁଣି ଆମ୍ବୁଲାନ୍ସ ଯୋଗେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଥିଲେ। ସେଠାରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ପୂର୍ବରୁ ତାଙ୍କର ଗୋଟିଏ ପୁଅ ଓ ତିନି ଗୋଟି ଝିଅ ରହିଥିବା ବେଳେ ଏବେ ପୁଣି ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି ସୁନିତା। ବଡ଼ ଆଞ୍ଚୁପା ପଞ୍ଚାୟତର ଏକ ବଡ଼ ଗ୍ରାମ ହେଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପକ୍କା ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ଫଳରେ ଗ୍ରାମବାସୀ ବିଭିନ୍ନ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଗତ ବର୍ଷାରେ ରାସ୍ତା ଖରାପ ହୋଇଥିବାରୁ ଯାତାୟତ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ପଂଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ପ୍ରଥମେ ପାଞ୍ଚ କିଲୋମିଟର ଚାଲି ଚାଲି ଯିବାପରେ ମୁଖ୍ୟ ରାସ୍ତାରୁ ଅଟୋ ଯୋଗେ ଯିବାକୁ ବାଧ୍ୟ ହେଉଛନ୍ତି। ଏହି ଘଟଣା ପରେ ଗ୍ରାମବାସୀମାନେ ପ୍ରଶାସନ ପକ୍ଷରୁ ତୁରନ୍ତ ଗ୍ରାମକୁ ଯୋଗାଯୋଗ ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ଦାବି କରିଛନ୍ତି।

## ଘୁମୁସର ଲେଖିକା ସଂସଦର ବାର୍ଷିକୋତ୍ସବ




ଭଞ୍ଜନଗର,୨୦।୧(ସମିସ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରେ ଘୁମୁସର ଲେଖିକା ସଂସଦର ବାର୍ଷିକୋତ୍ସବ ପାଳନ ହୋଇଯାଇଛି। ଏହି ସଭାରେ ସଂସଦର ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବରେ ବରିଷ୍ଠ କବି ତଥା ସାହିତ୍ୟିକ ପ୍ରଶାନ୍ତ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କମଳ କୁମାରୀ ଦେବୀ, ଓଡିଶା ଲେଖିକା ସଂସଦ, ଭୁବନେଶ୍ୱରର ସମ୍ପାଦିକା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ବାସନ୍ତୀ ମହାନ୍ତି ସ୍ତମ୍ଭକାର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଉଦ୍ଧବ କୁମାର ମିଶ୍ର, ସରପଞ୍ଚ, ବାଉଁଶଲୁଣ୍ଡି ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଡ଼ କାମ ରାଜୁ ଚାହାଣି, ବିଶିଷ୍ଟ ସାହିତ୍ୟିକ ତଥା ଭଞ୍ଜ ଗବେଷକ ଯୋଗ ଦେଇଥିଲେ। ସଭ୍ୟାମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ପରେ ସଂସଦର ସମ୍ପାଦିକା ଡ. ନଳିନୀ ପ୍ରଭା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଲେଖିକା ବନ୍ଦନା ମହାପାତ୍ରଙ୍କୁ (ବ୍ରହ୍ମପୁର) ତପସ୍ୱିନୀ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ଅମିତା ମିଶ୍ର ଅବସରପ୍ରାପ୍ତ ଓଡ଼ିଶା ସରକାର ମହିଳା ଓ ଶିଶୁ ବିକାଶ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଲେଖିକାଙ୍କୁ ବରିଷ୍ଠ ଲେଖିକା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ କଣ୍ଠଶିଳ୍ପୀ ଗୀତାଞ୍ଜଳି ମହାପାତ୍ର, ଶ୍ରେଷ୍ଠ ସଂଯୋଜିକା ସୁଜାତା ସିଂ, ଶ୍ରେଷ୍ଠ ଲେଖିକା ମୋନାଲିସା ମିଶ୍ର, ଶ୍ରେଷ୍ଠ ଚିତ୍ରଶିଳ୍ପୀ ଶୁଭସ୍ମିତା ଦାଶ, ଶ୍ରେଷ୍ଠ ସଂସ୍କୃତି ସଂପର୍ଣ୍ଣା ରୁନୁବାଳା ଦାଶ, ଶ୍ରେଷ୍ଠ ସଜ୍ଜିତ ରମଣୀ ଉଷ୍ଣିତା ମଞ୍ଜରୀ ମିଶ୍ର, ଶ୍ରେଷ୍ଠ ହାସ୍ୟମୁଖୀ ରଜନୀ ସେଠୀ, ଶ୍ରେଷ୍ଠ ଦାୟିତ୍ୱ ସଂପର୍ଣ୍ଣା ସଭ୍ୟା ଡା ଗାୟତ୍ରୀ ସାହୁ ଏବଂ ସର୍ବଗୁଣ ସମ୍ପନ୍ନା ଡ଼ ନଳିନୀ ପ୍ରଭା ଦାସ ନବଦୁର୍ଗା ପ୍ରତିଭା ରୂପେ ସମ୍ମାନୀତ ହୋଇଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ‘ସ୍ୱପ୍ନିଳ ସୃଜନୀ’ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ମନୁଜା ରାଣୀ ଦାସ, ଗିରିଜା ନନ୍ଦିନୀ ଦାସ, ନିରଜା ତ୍ରିପାଠୀ, ସ୍ଥିତିପ୍ରଜ୍ଞା ମହାରଣା, ଅଳକା ମଞ୍ଜରୀ ପଟ୍ଟନାୟକ, ଗୀତାଶ୍ରୀ ସାମନ୍ତ ଆଦି ସମସ୍ତ ସଭ୍ୟା ସହଯୋଗ କରିଥିଲେ। ଶେଷରେ ସଂସଦ ସମ୍ପାଦିକା ଡ଼.ନଳିନୀ ପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମା’କୁଠାରୀଶ୍ୱରୀ ଭଲିବଲ; ଗୁମ୍ମା ଚାମ୍ପିଅନ

ପାତ୍ରପୁର,୨୦।୧(ସମିସ): ପାତ୍ରପୁର ଠାରେ ସ୍ୱର୍ଗତ ସୀତାରାମ ସେଠୀଙ୍କ ସ୍ମୃତିରେ ଗତ ୧୦ ତାରିଖ ଠାରୁ ମା’କୁଠାରୀଶ୍ୱରୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଥିବା ବେଳେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ ଜିଲ୍ଲା ପାୱାର ସିକ୍ସ ସହିତ ଗଜପତି ଜିଲ୍ଲା ଗୁମ୍ମା ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଗୁମ୍ମାଦଳ ୩-୧ରେ ଜିତି ଚାମ୍ପିଅନ ହୋଇଛି।

ଫାଇନାଲ୍ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଆଲୋକ କୁମାର ଜେନା ଏବଂ ଜରଡା ଥାନା ଅଧିକାରୀ ଟୁନା ସାସମଲ ଯୋଗ ଦେଇଥିବା ବେଳେ ସନ୍ଧ୍ୟାରେ ଯାଜପୁର ଜିଲ୍ଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଯୋଗଦେଇଥିଲେ। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସାଂସଦ ପ୍ରତିନିଧି ମୀନା ଦ୍ୟାନସାମନ୍ତରା, ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ, ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ପାତ୍ରପୁର ଜିଲ୍ଲା ପରିଷଦ ସଭ୍ୟ, ଜୟନ୍ତୀପୁର ସମିତିସଭ୍ୟ ବାଲାଜୀ ପାଢ଼ୀ, ତଣ୍ଡିପୁର ସମିତିସଭ୍ୟ ରାମକୃଷ୍ଣ ନାୟକ, ବରଙ୍ଗ ସରପଞ୍ଚ ଭି.ଦେବିପ୍ରସାଦ, ସାମନ୍ତିଆପଲ୍ଲୀ ସରପଞ୍ଚ, ସମିତିସଭ୍ୟ ପ୍ରଶାନ୍ତ କୁମାର ସାହୁ, ସ୍ୱର୍ଗତ ସୀତାରାମଙ୍କ ପୁତ୍ର ରୋହିତ କୁମାର ସେଠୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ।

ଚାମ୍ପିଅନ ଦଳ ଗୁମାକୁ ୪୪ହଜାର ୪୪୪ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେପତା ପାୱାର ସିକ୍ସ ଦଳକୁ ୩୩ହଜାର ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।



## କବିସୂର୍ଯ୍ୟ ଜୟନ୍ତୀ ପ୍ରସ୍ତୁତି



ଦିଗପହଣ୍ଡି,୨୦।୧(ସମିସ): ଦିଗପହଣ୍ଡି ବଜାର ଗାନ୍ଧୀଛକରେ ଆସନ୍ତା ୨୩ ତାରିଖ ଶୁକ୍ଳପକ୍ଷ ଶ୍ରୀପଞ୍ଚମୀ ତିଥିରେ କବିସୂର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ ପାଳନ କରାଯିବ। ସୋମବାର ଏନଏସି ସମ୍ମିଳନୀ କକ୍ଷରେ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଏନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଆଇନଜୀବୀ ଅଶେଷ ନାଥ ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବକୁ ସର୍ବାଙ୍ଗସୁନ୍ଦର ସଫଳ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ କରାଯାଇଥିଲା। ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତର କବିସୂର୍ଯ୍ୟଙ୍କ ଜନ୍ମପୀଠ ବିଜୟନଗରଗଡ଼ ଗ୍ରାମରୁ କବିସୂର୍ଯ୍ୟଙ୍କ ଜ୍ୟୋତି ବିଭିନ୍ନ ଗ୍ରାମାଞ୍ଚଳ ଓ ଦିଗପହଣ୍ଡି ସହର ପରିକ୍ରମା କରିବା ପରେ ଅପରାହ୍ନରେ ମହୋତ୍ସବ ସ୍ଥଳରେ ପହଞ୍ଚିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସନ୍ଧ୍ୟାରେ ସଭା ସରିବା ପରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ପରିଷଦର ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପରିଷଦର ସଦସ୍ୟ ଅବସରପ୍ରାପ୍ତ କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ମିଳିତ ନାଗରିକ ସଙ୍ଗଠନ ଆବାହକ ଡ଼. ବାଳକୃଷ୍ଣ ପଣ୍ଡା କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟ କୃତିକୁ ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଥିବାରୁ ତାଙ୍କୁ ସଭାରେ ସେ ସାଧୁବାଦ ଅର୍ପଣ କରିଥିଲେ। ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ ପାତ୍ର, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀ, ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ଆଇନଜୀବୀ ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, ଗୋପାଳକୃଷ୍ଣ ମଲ୍ଲିକ, ପରିଷଦର ଉପସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼, ଶୁଭେନ୍ଦୁ ପାଢ଼ୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଆଦିକନ୍ଦ ସାହୁ, ତାରାପ୍ରସାଦ ପଟ୍ଟନାୟକ, ଚନ୍ଦ୍ରଶେଖର ମହାପାତ୍ର ଏବଂ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ଦଳର ସାଂଗଠନିକ ସଭା




ବ୍ରହ୍ମପୁର,୨୦।୧(ସମିସ): ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ବରିଷ୍ଠ କର୍ମୀମାନଙ୍କ ଏକ ସଭା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ତେଲେଙ୍ଗାନା ରାଜ୍ୟର ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ ଦାୟିତ୍ୱରେ ଥିବା ଜେ କୁସୁମ କୁମାର ଯୋଗଦେଇ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ପୂର୍ବରୁ କଂଗ୍ରେସର ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ସଂଗଠନ ସହ ଓଡ଼ିଶାର କଂଗ୍ରେସ ପୂର୍ବ ହୃତ ଗୌରବ ଫେରାଇ ଆଣିବାକୁ ସମସ୍ତ କର୍ମୀଙ୍କୁ ଏକାଠି କରିବା ସହ ଯେଉଁମାନେ ଦଳରେ ରହି ଦଳ ପ୍ରତି ବିଶ୍ୱାସ ଘାତକତା କରୁଛନ୍ତି ସେମାନଙ୍କ ପ୍ରତି କଠୋର ପଦକ୍ଷେପ ନିଆଯିବ ବୋଲି ଏଠାରେ କୁହାଯାଇଛି। ଏଥିସହିତ ଆଗାମୀ ପଞ୍ଚାୟତ ଓ ନଗର ନିଗମ ନିର୍ବାଚନ ପୂର୍ବରୁ ଦଳକୁ ସୁସଂଗଠିତ କରିବାପାଇଁ ମାନ୍ୟବର ଲୋକସଭା ବିରୋଧ ଦଳର ନେତା ରାହୁଲ ଗାନ୍ଧୀ ଦୃଢ଼ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମକୁ ବେଶ ଗୁରୁତ୍ୱର ସହ କରାଯାଉଥିବା ଏଠାରେ କୁହାଯାଇଛି।

ସେହିଭଳି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା ଓ ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନିତୀକୁ ବିରୋଧ କରିବା ସହ ଆଗାମୀ ଦିନରେ ସମସ୍ତେ ମିଳିମିଶି କାମ କରିବା ସହ ଯେଉଁ ମାନେ ଦଳରେ ଯୋଗଦାନ କରି ଦଳକୁ ସୁସଂଗଠିତ କରିବେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ସାକା ସୁଜିତ, ପ୍ରବିର ସାବତ, ଶ୍ୟାମସୁନ୍ଦର ସାହୁ, ଆପ୍ପା ରାଓ, ରାମା ରାଓ, ଯୋଗି ବେହେରା, ସୁବାଷିନି ପଟ୍ଟନାୟକ, ଭାଗିରଥି ବେହେରା, ମହେଶ୍ୱର ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଜେତାଙ୍କୁ ପୁରସ୍କାର ବିତରଣ

ରଙ୍ଗେଇଲୁଣ୍ଡା,୨୦।୧(ସମିସ): ରଙ୍ଗେଇଲୁଣ୍ଡା ବ୍ଲକ ସଭାଗୃହରେ ବନ୍ଦେ ମାତରମ୍‌ର ଶତବାର୍ଷିକରେ ଅବସରରେ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଶ୍ୱଜିତ ରାୟ, ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱଜିତ ବେହେରା, ଅତିରକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗୀତା ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୁସୁମ ପାଢୀ, ଶେଷ ରେଡ଼ୀ, ଅବସରପ୍ରାପ୍ତ ଏସ୍‌ଆଇ ପି. କୃଷ୍ଣମୂର୍ତ୍ତି, ବି. ସୋମନାଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀଙ୍କୁ ବ୍ଲକ ସଦ୍‌ଭାବନା କକ୍ଷରେ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କ ବିୟୋଗ

ଛତ୍ରପୁର,୨୦।୧(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗି ଗ୍ରାମ ମଝିସାହି ନିବାସୀ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବନମାଳୀ ପାଣିଗ୍ରାହୀ (୮୭)ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ତିନି ପୁଅବୋହୂ, ଦୁଇ କନ୍ୟା, ଦ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।



## କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଫିରିଙ୍ଗିଆ,୨୦।୧(ସମିସ): ଫିରିଙ୍ଗିଆ-ଫୁଲବାଣୀ ମୁଖ୍ୟ ରାସ୍ତାର ଫୁଲବାଣୀ ସଦର ଥାନା ଅନ୍ତର୍ଗତ କୁମୁରିଗୁଡା ପୋଲ ନିକଟରେ ଏକ କାର୍ ଧକ୍କାରେ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଚାଳକ କାର୍ ଛାଡ଼ି ପଳାଇଛି। ଫୁଲବାଣୀ ସଦର ଥାନା ମିଣିଆ ପଞ୍ଚାୟତ ଅଡିଗାର ଗୌଡ଼ ସାହିର ୨ଭାଇ ଭୂମିରାଜ ପୋଡ଼ ଓ ଜଗା ପୋଡ଼ ଏକ ବାଇକ୍‌ରେ ଫୁଲବାଣୀରୁ କାମ ସାରି ନିଜ ଗାଁ ଅଡିଗାର ଫେରୁଥିଲେ। କୁମୁରିଗୁଡା ପୋଲ ନିକଟରେ ଫିରିଙ୍ଗିଆ ପଟୁ ଦ୍ରୁତ ଗତିରେ ଆସୁଥିବା କାର୍ ସାମନା ପଟୁ ଧକ୍କା ଦେଇ ପଳାଇଥିଲା। ଖବର ପାଇ ସଦର ଥାନା ପୁଲିସ ଗୁରୁତର ୨ ଭାଇଙ୍କୁ ଉଦ୍ଧାର କରି ଫୁଲବାଣୀ ମେଡିକାଲକୁ ନେଇଥିଲା। ଭୂମିରରାଜ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କାର୍ ଓ ବାଇକ୍‌କୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## ୩ ବନ୍ଧୁକ ସହ ଅସ୍ତ୍ରଶସ୍ତ୍ର ଜବତ; ୪ ଗିରଫ

ସୋରଡ଼ା,୨୦।୧(ସମିସ): ବଡଗଡ ବନାଞ୍ଚଳର ପକ୍ଷରୁ ବଡଗଡ ଥାନା ଦକ୍ଷିଣ ଘୁମୁସର ବନଖଣ୍ଡ ବଡଗଡ଼ ରେଞ୍ଜ ଅଧୀନ ବୁଢାମ୍ବ ଗ୍ରାମରେ ଚଢ଼ଉ କରାଯାଇ ୪ ଜଣଙ୍କ ଘରୁ ୩ ବନ୍ଧୁକ ସହ ବିଭିନ୍ନ ଅସ୍ତ୍ରଶସ୍ତ୍ର, ଶିକାର ପରେ ରଖାଯାଇଥିବା ବନ୍ୟଜନ୍ତୁ ଶରୀରର ବିଭିନ୍ନ ଅଂଶ ଜବତ କରାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୁଢ଼ାମ୍ବ ଗ୍ରାମର ଆୟନ ରଇତ, ବୁଢ଼ା ଶବର, ସୁବୁଦ୍ଧି ମଣ୍ଡଳ, ଯାକବ ଶବର। ବିଶେଷ ସୂତ୍ରରୁ ଖବର ପାଇ ବଡ଼ଗଡ଼ ବନ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ ବୋରାଦା ପଞ୍ଚାୟତ ବୁଢ଼ାମ୍ବ ଗ୍ରାମରେ ଗତକାଲି ରାତିରେ ଚଢ଼ଉ କରି ଉପରୋକ୍ତ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ଜବତ କରିଥିଲେ। ୪ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି।



## ସୁଦ୍ରା ସରକାର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲିଗୁଡା,୨୦।୧(ସମିସ): ବାଲିଗୁଡ଼ା ବ୍ଲକ ସୁଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲାପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ ରେବିଙ୍ଗିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କନଓ୍ୱର, ଏସ୍‌ଏମ୍‌ସି ସଭାପତି ବିଭୂତି ଭୂଷଣ ମଲିକ, ତୀର୍ଥବାସୀ ଘଡ଼ାଇ, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ନିରୀକ୍ଷକ ସଂଘ ସମ୍ପାଦକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସହ ଶିକ୍ଷକ ସ୍ମିତାରାଣୀ ସାହୁ ଓ କାଶୀନାଥ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବ୍ରାହ୍ମଣୀଗାଁ କୁଇକୁଳର ବାର୍ଷିକ ଉତ୍ସବ




ବ୍ରାହ୍ମଣୀଗାଁ,୨୦।୧(ସମିସ): ଦାରିଙ୍ଗବାଡ ବ୍ଲକ ବ୍ରାହ୍ମଣୀଗାଁ କୁଇ କୁଳ ସମିତିର ପ୍ରଥମ ବାର୍ଷିକ ଉତ୍ସବ ଆଜି ବ୍ରାହ୍ମଣୀଗାଁରେ ଅନୁଷ୍ଠିତ ହୋଇଥିଲା। କୁଇ କୁଳର ଶତାଧିକ ଲୋକ ପଞ୍ଚାୟତ ପରିସରରେ ଏକତ୍ର ହୋଇ ଥିଲେ। ଏହାପରେ ବ୍ରାହ୍ମଣୀଗାଁ ସରକାରୀ ହାଇସ୍କୁଲ ନିକଟରୁ ଶୋଭାଯାତ୍ରାରେ ଶତାଧିକ ମହିଳା, ପୁରୁଷ ପାରମ୍ପରିକ ଅସ୍ତ୍ର ଧରି, ଡ଼ାକବାଜି ଯନ୍ତ୍ରରେ ଆଦିବାସୀଙ୍କ ମୌଳିକ ଅଧିକାରର ନାରାବାଜି ଦେଇ ସଭାସ୍ଥଳରେ ପହଞ୍ଚିଥିଲେ। ସେମାନେ ବ୍ରାହ୍ମଣୀଗାଁକୁ ବ୍ଲକ ଗଠନ ଦାବି କରିବା ସହିତ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବ୍ରାହ୍ମଣୀଗାଁ ଡାକ୍ତରଖାନାରେ ମହିଳା ଓ ଶିଶୁ ବିଶେଷଜ୍ଞଙ୍କ ନିଯୁକ୍ତି, ମହାପ୍ରୟାଣ ସେବା, ଜିଓ ନେଟ ୱାର୍କ, ଜଙ୍ଗଲ ଜମି ଅଧିକାର ଓ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଦାବି ରଖିଥିଲେ। ବ୍ରାହ୍ମଣୀଗାଁ କୁଇ କୁଳ ସମିତିର ସଭାପତି ସୁନାରସିଂ ମାଝୀ, ସମ୍ପାଦକ ସଲମନ ମାଝୀ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପାଟମାଝୀ, ଦେବରାଜ ମାଝୀ, ରମାକାନ୍ତ ମାଝୀ, କପିଳାସ ମଲିକ, ବାଳକୃଷ୍ଣ ମଲିକ ଓ ଚିତ୍ରସେନ କାର୍ଜିମାଝୀ ଏଥିରେ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଚିତ୍ରସେନ କାର୍ଜିମାଝୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି କୁଇ କୁଳ ସମିତି ସଭାପତି କରୁଣାକର ପ୍ରଧାନ, ମୁଖ୍ୟବକ୍ତା ସୋରଡ଼ା ଜୋନ ଜିଲ୍ଲାପରିଷଦ ସଭ୍ୟ ରାମ ଶବର, ସମ୍ମାନିତ ଅତିଥି ଭାବେ ମୋହନା ବ୍ଲକ୍ ପାଣିଗଣ୍ଡା ପଞ୍ଚାୟତ ସରପଞ୍ଚ ବାବୁଲି ପାଟମାଝୀ, ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତା ମଲିକ, ସମିତିସଭ୍ୟା ଜଳିତା ମାଝୀ, ଗଦାପୁର ସରପଞ୍ଚ କୁମାରୀ ମଲିକ, ଏଗାର ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ଦୀପିକା ମୁଠାମାଝିଙ୍କ ସହିତ ସମସ୍ତ ପଞ୍ଚାୟତ ପ୍ରତିନିଧି, ବ୍ଲକ, ଜିଲ୍ଲାର କର୍ମ କର୍ତ୍ତା ଓ ଗଞ୍ଜାମ ଏବଂ ଗଜପତି ଜିଲା ମୋହନା ବ୍ଲକର ଜନ ପ୍ରତିନିଧି, କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର କାହାଣୀ କହିଲା ନାଟକ ‘ମହାସଂଗ୍ରାମର ମହାନାୟକ’

ବ୍ରହ୍ମପୁର,୨୦।୧(ସମିସ): ଇଂରେଜମାନେ ୧୮୦୩ମସିହାରେ ଓଡ଼ିଶାର ଉତ୍ତର ଓ ଦକ୍ଷିଣ ଅଞ୍ଚଳକୁ ଦଖଲ କରିଥିଲେ ମଧ୍ୟ ଓଡ଼ିଶାର କଟକ, ପୁରୀ,ଖୋର୍ଦ୍ଧା ସେମାନଙ୍କ ଦ୍ୱାରା ଅଧିକୃତ ହୋଇନଥିଲା। କିନ୍ତୁ ୫ବର୍ଷ ମଧ୍ୟରେ ସେମାନେ ଗଡ଼ଜାତ ଅଂଚଳ ସହିତ କଟକ, ପୁରୀ, ଖୋର୍ଦ୍ଧକୁ ମଧ୍ୟ ନିଜ ଦଖଲ କରିନେଲେ। ପାଇକ ଓ ଚାଷୀ ମାନଙ୍କଠାରୁ ଅଧିକ କର ଆଦାୟ କରି ଚିଲିକା ଓ ଅନ୍ୟ ସମୁଦ୍ର କୂଳରୁ ଲୁଣମରା ବନ୍ଦ କରିଦେଲେ। ବିଭିନ୍ନ ଦିଗରୁ ଓଡ଼ିଶାର ଲୋକମାନେ ଇଂରେଜମାନଙ୍କ ଦ୍ୱାରା ଶୋଷିତ ଓ ଅତ୍ୟାଚାରିତ ହେଲେ। ୧୮୧୭ମସିହାରୁ ୧୮୨୫ ମସିହା ଦୀର୍ଘ ୮ବର୍ଷ ପାଇକ ପୁଅଙ୍କୁ ଏକତ୍ରୀତ କରି ଇଂରେଜ ସରକାରଙ୍କ ବିରୁଦ୍ଧରେ ଗରିଲା ଯୁଦ୍ଧ କରି ନିଜ ବୀରତ୍ୱର ପରାକାଷ୍ଠା ଦେଖାଇଥିବା ଏଭଳି ଜଣେ ସଂଗ୍ରାମୀ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା କହି ବ୍ରହ୍ମପୁର ଗଞ୍ଜାମ କଳା ପରିଷଦ କବିସୂର୍ଯ୍ୟ ରଂଗମଞ୍ଚରେ ମଂଚସ୍ଥ ହୋଇଛି ନାଟକ"ମହାସଂଗ୍ରାମର ମହାନାୟକ’। ଭୁବନେଶ୍ୱର ଶତାବ୍ଦୀର କଳାକାର ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବ୍ରହ୍ମପୁର କଳାକାର ଏକତା ମଞ୍ଚ ସହାୟତାରେ ମଂଚସ୍ଥ ନାଟକକୁ ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ ରଚନା କରିଥିବା ବେଳେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ ନିର୍ଦ୍ଦେଶନା ଦେଇଥିଲେ। ନାଟକ ମଂଚସ୍ଥ ପୂର୍ବରୁ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟର ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଇଂ.ଯାମିନି କାନ୍ତ ଦାସ,ବ୍ରହ୍ମପୁର କଳାକାର ଏକତା ମଂଚର ସଭାପତି ଅନିଳ କୁମାର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଧୀର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ରହ୍ମପୁର କଳାକାର ଏକତା ମଂଚର ସମ୍ପାଦକ ରାଜ ଗୋପାଳ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



